
# ସତ୍ୟବାକ୍ୟ

# THE WORD OF TRUTH



ANUARY & FEBRUARY - 2009

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.



## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.



**VOL.14 Jan & Feb...2009 (No1&2)**

Published every two months in Oriya language for the Restoration of pure New Testament Christianity


Watch SATYA VANI Programme on **Subhavartha** Channel Every **Monday & Tues** at 6:00 a.m Every **Wednesday** at 7.00 a.m on **Vissa** Channel and Every **Saturday on Rakshana** Channel 6.30 a.m in Telugu Language

**Speakers : Joshua Gootam & Ricky Gootam**

Write for free Bible Correspondence course in Telugu & Oriya to:

The Director
Bible Correspondence Course
P.O. Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL XIIV KAKINADA JAN-FEB-2009

## ଅନୁଗ୍ରହ ଓ ସତ୍ୟ

## (Grace and Truth)

ଅନୁଗ୍ରହର ଅର୍ଥ ଅଯଥା ଦୟା । ଅଯୋଗ୍ୟ ହେଲେ ସୁଦ୍ଧା ଦୟାପ୍ରାପ୍ତ ହେବା ଯୀଶୁଖ୍ରୀଷ୍ଟ 'ଅନୁଗ୍ରହ' ପଦକୁ ସ୍ପଷ୍ଟ ଭାବେ ବୁଝାଇ କହନ୍ତି, ''କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ ଯେପରି ଯେକେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ । ଯେଣୁ ଜଗତର ବିଚାର କରିବା ନିମନ୍ତେ ଈଶ୍ୱର ଆପଣା ପୁତ୍ରଙ୍କୁ ଜଗତକୁ ପ୍ରେରଣ ନ କରି, ଜଗତ ଯେପରି ତାହାଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ, ଏଥି ପାଇଁ ତାହାଙ୍କୁ ପ୍ରେରଣ କଲେ । ''ଯୋହନ ୩:୧୬,୧୭) । ଅନୁଗ୍ରହ ବିଷୟରେ ପ୍ରେରିତ ପାଉଲ କହନ୍ତି, ''କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁ ଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।'' (ରୋମୀୟ ୫:୮)

ପ୍ରେରିତ ପାଉଲ ଅନୁଗ୍ରହ ବିଷୟରେ ଆହୁରି କହନ୍ତି, ''ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବ ରହିତ ହୋଇଅଛନ୍ତି, ପୁଣି, ସେମାନେ ବିନା ମୂଲ୍ୟରେ ତାହାଙ୍କ ଅନୁଗ୍ରହରେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଯେଉଁ ମୁକ୍ତି ଅଛି, ତଦ୍ୱାରା ଧାର୍ମିକ ଗଣିତ ହୁଅନ୍ତି ।'' (ରୋମୀୟ ୩:୨୩,୨୪) । ''କାରଣ ଯେପରି ଜଣକର ଅନାଜ୍ଞାବହତା ଦ୍ୱାରା ଅନେକେ ଧାର୍ମିକ ହେବେ । ଏହାଛଡ଼ା ବ୍ୟବସ୍ଥା ମଧ୍ୟ ପ୍ରବେଶ କଲା, ଯେପରି ଅପରାଧ ଅଧିକ ହୁଏ, କିନ୍ତୁ ଯେଉଁଠାରେ ପାପ ଅଧିକ ହେଲା, ସେହିଠାରେ ଅନୁଗ୍ରହ ଆହୁରି ଅତି ଅଧିକ ହେଲା । ଯେପରି ପାପ ଯେ ପ୍ରକାରେ ମୃତ୍ୟୁରେ ରାଜତ୍ୱ କରିଥିଲା, ସେହିପରି ଅନୁଗ୍ରହ ମଧ୍ୟ ଆମ୍ଭମାନଙ୍କ ପ୍ରଭୁଯୀଶୁଖ୍ରୀଷ୍ଟଙ୍କ

ଦ୍ୱାରା ଅନନ୍ତ ଜୀବନଦାୟକ ଧାର୍ମିକତା ଦ୍ୱାନ କରି ରାଜତ୍ୱ କରିବ ।'' (ରୋମୀୟ ୫:୧୯-୨୧) ''କାରଣ ପାପ ତୁମ୍ଭମାନଙ୍କ ଉପରେ କର୍ତ୍ତୃତ୍ୱ କରିବ ନାହିଁ, ଯେଣୁ ଆମ୍ଭେମାନେ ବ୍ୟବସ୍ଥାର ଅଧୀନ ନୁହଁ, ମାତ୍ର ଅନୁଗ୍ରହର ଅଧୀନ ଅଟୁ ।'' (ରୋମୀୟ ୬:୧୪) ଅନୁଗ୍ରହ ବିଷୟରେ ପ୍ରେରିତ ଯୋହନ କହନ୍ତି,''କାରଣ ବ୍ୟବସ୍ଥା ମୋଶାଙ୍କ ଦ୍ୱାରା ପ୍ରଦତ୍ତ ହେଲା, କିନ୍ତୁ ଅନୁଗ୍ରହ ଓ ସତ୍ୟ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଉପସ୍ଥିତ ହେଲା ।'' (ଯୋହନ ୧:୧୭) । ''କାରଣ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ ତୁମ୍ଭେମାନେ ଜାଣ, ତୁମ୍ଭେମାନେ ଯେପରି ତାହାଙ୍କ ଦରିଦ୍ରତା ଦ୍ୱାରା ଧନବାନ ହୁଅ, ଏଥିପାଇଁ ସେ ଧନୀ ହେଲେହେଁ କିପରି ତୁମ୍ଭମାନଙ୍କ ନିମନ୍ତେ ଦରିଦ୍ର ହେଲେ ?'' (୨ କରିନ୍ଥୀ ୮:୯)

ଅନ୍ୟପକ୍ଷରେ, ଆମ୍ଭେମାନେ ପାପରେ ମୃତ, ବିନଷ୍ଟ, ଭରସାହୀନ, ସତ୍‌କର୍ମ ଦ୍ୱାରା ଆପଣା ପରିତ୍ରାଣ ଆପେ ପ୍ରାପ୍ତ ନହେବା ପରିସ୍ଥିତିରେ ଥିଲୁ ବୋଲି ଏହି ବାକ୍ୟଗୁଡ଼ିକ ପ୍ରକାଶ କରେ । ଦ୍ୱିତୀୟ, ବ୍ୟବସ୍ଥା ପାଳନ କିଅବା କେବଳ ସତ୍‌କର୍ମ ଆମ୍ଭମାନଙ୍କୁ ପାପରୁ ମୁକ୍ତ କରିନପାରେ । କିନ୍ତୁ, ଖ୍ରୀଷ୍ଟଙ୍କ କ୍ରୁଶୀୟ ମୃତ୍ୟୁ ଦ୍ୱାରା ପତିତ ହୋଇଥିବା ରକ୍ତ, ଯାହାକି ଆମ୍ଭମାନଙ୍କ ଅନୁଗ୍ରହରୂପେ ଦତ୍ତ ହୋଇଅଛି, ତାହା ଆମ୍ଭମାନଙ୍କୁ ଆମ୍ଭମାନଙ୍କ ପପରୁ ଆମ୍ଭମାନଙ୍କୁ ବିମୁକ୍ତ କରିପାରେ । ପାଉଲ ଏ ବିଷୟରେ କହନ୍ତି,''କାରଣ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଅଛ, ତାହା ତୁମ୍ଭମାନଙ୍କ ନିଜଠାରୁ ହୋଇନାହିଁ, ତାହା ଈଶ୍ୱରଙ୍କ ଦାନ, କ୍ରିୟାକର୍ମରୁ ନୁହେଁ, ଯେପରି କେହି ଦର୍ପ ନକରେ ।'' (ଏଫିସୀ ୨:୮-୯) । ମନୁଷ୍ୟ ବିଶ୍ୱାସ ଦ୍ୱାରା (ମନୁଷ୍ୟର ପାତ୍ର), ପରମେଶ୍ୱରଙ୍କ ଅନୁଗ୍ରହରେ (ଈଶ୍ୱରଙ୍କ ପାତ୍ର) ପରିତ୍ରାଣ ପାଏ ।

ଯଦି ପରିତ୍ରାଣ ପରମେଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ସାଧିତ ହୁଏ, ତେବେ ମନୁଷ୍ୟର ପାତ୍ର କଅଣ ? ଆମ୍ଭେମାନେ କେବଳ ସତ୍‌କର୍ମ ଦ୍ୱାରା କିଅବା ବ୍ୟବସ୍ଥା ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୋଇନପାରୁ । ମନୁଷ୍ୟ କେବଳ ଅନୁଗ୍ରହ ଦ୍ୱାରା କିଅବା କେବଳ ବିଶ୍ୱାସ ଦ୍ୱାରା ଅନୁଗ୍ରହ ଦ୍ୱାରା ବିଶ୍ୱାସରେ ପରିତ୍ରାଣ ପ୍ରାପ୍ତ ହୁଏ । ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କଲେ ଜୀବନରୂପ ମୁକୁଟ ପାଇପାରିବା ।

ପରିତ୍ରାଣପ୍ରାପ୍ତ ହେବା ନିମନ୍ତେ ଆଜ୍ଞାବହ ହେବା ପରେ ପ୍ରଭୁ ଆମ୍ଭମାନଙ୍କୁ

ମଣ୍ଡଳୀରେ ଯୋଗ କରନ୍ତି । ଆତ୍ମା ଓ ସତ୍ୟରେ ଉପାସନା ସଙ୍ଗେ ସଙ୍ଗେ ପରିତ୍ରାଣ ପ୍ରାପ୍ତି ନିମନ୍ତେ ଆମ୍ଭମାନଙ୍କୁ ତାହାଙ୍କ ଅନୁଗ୍ରହ ଆବଶ୍ୟକ ।

ଆମ୍ଭେମାନେ ତାହାଙ୍କ ଆଜ୍ଞାପାଳନ ନକଲେ, ତାହାଙ୍କ ଅପାର ଅନୁଗ୍ରହ ଆମ୍ଭମାନଙ୍କୁ ରକ୍ଷା କରିପାରେ ନାହିଁ । ଶେଷ ପର୍ଯ୍ୟନ୍ତ ଆମ୍ଭମାନଙ୍କୁ ବିଶ୍ୱସ୍ତ ଜୀବନ କରିବା ଆବଶ୍ୟକ । ଏଫିସୀ ୨:୮,୯ ପଦଗୁଡ଼ିକ ପ୍ରେରିତ ପାଉଲ, ଆମ୍ଭେମାନେ ଅନୁଗ୍ରହ ଦ୍ୱାରା ପରିତ୍ରାଣ ପାଇଅଛୁ ବୋଲି କହି ୧୦ମ ପଦରେ କହନ୍ତି,"କାରଣ ଆମ୍ଭେମାନେ ତାହାଙ୍କ ରଚନା, ଯେ ସମସ୍ତ ସତ୍‌କାର୍ଯ୍ୟ ଆମ୍ଭେମାନେ କରିବୁ ବୋଲି ଈଶ୍ୱର ପୂର୍ବରୁ ଆୟୋଜନ କରିଥିଲେ, ଆଚରଣରେ ସେହିସବୁ ସାଧନ କରିବା ନିମନ୍ତେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ସୃଷ୍ଟ ଏବଂ ପୁନର୍ବାର ତିତସ ପତ୍ରରେ ସେ ଲେଖନ୍ତି, "....କାରଣ ପୂର୍ବେ ଆମ୍ଭେମାନେ ମଧ୍ୟ ନିର୍ବୋଧ, ଅବାଧ୍ୟ, ଭ୍ରାନ୍ତ ପୁଣି ନାନା ପ୍ରକାର କୁଅଭିଳାଷ ଓ ସୁଖଭୋଗର ଦାସ ଥିଲୁ, ହିଂସା ଓ ଈର୍ଷାରେ କାଳ କ୍ଷେପଣ କରୁଥିଲୁ, ଆଉ ଘୃଣାର ପାତ୍ର ହୋଇ ପରସ୍ପରକୁ ଘୃଣା କରୁଥିଲୁ, କିନ୍ତୁ ଯେତେବେଳେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଈଶ୍ୱରଙ୍କ ଦୟା ଓ ମାନବଜାତି ପ୍ରତି ତାହାଙ୍କ ପ୍ରେମ ପ୍ରକାଶିତ ହେଲା, ସେତେବେଳେ ସେ ଆମ୍ଭମାନଙ୍କ କୃତ ଧର୍ମକର୍ମ ସକାଶେ ନୁହେଁ, ମାତ୍ର ଆପଣାର ଦୟାନୁସାରେ ପୁନଃଜନ୍ମର ପ୍ରକ୍ଷାଳନ ଓ ପବିତ୍ର ଆତ୍ମାଙ୍କ ନୂତନୀକରଣ ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ କରିଅଛନ୍ତି, ସେ ଆତ୍ମାଙ୍କୁ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରଚୁରରୂପେ ଆମ୍ଭମାନଙ୍କ ଉପରେ ଢ଼ାଳିଦେଲେ, ଯେପରି ଆମ୍ଭେମାନେ ତାହାଙ୍କ ଅନୁଗ୍ରହରେ ଧାର୍ମିକ ଗଣିତ ହୋଇ ଭରସାନୁସାରେ ଅନନ୍ତ ଜୀବନର ଅଧିକାରୀ ହେବୁ ।" (ତିତସ ୩:୩-୭) । ପାପୀ ମନୁଷ୍ୟର ବିନାଶ ସୁନିଶ୍ଚିତ । କିନ୍ତୁ ଈଶ୍ୱରଙ୍କ ମହାପ୍ରେମ, କୃପା ଓ ଅନୁଗ୍ରହ ଦ୍ୱାରା ବାପ୍ତିସ୍ମ ଓ ପବିତ୍ର ଆତ୍ମାଙ୍କ ସହଭାଗିତାରେ ଅନନ୍ତ ଜୀବନ ପ୍ରାପ୍ତ ହୁଏ । (ମାର୍କ ୧୬:୧, ପ୍ରେରିତ ୨:୨୮) । ପରିତ୍ରାଣ ଆମ୍ଭମାନଙ୍କ ସ୍ୱକୃତ ନୁହେଁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ । ତାହାଙ୍କ ଇଚ୍ଛାପାଳନକାରୀମାନଙ୍କ ଉପରେ ତାହାଙ୍କ ଅନୁଗ୍ରହ ବର୍ତ୍ତେ ।

କେବଳ ଅନୁଗ୍ରହ ଦ୍ୱାରା ଆମ୍ଭେମାନେ ପରିତ୍ରାଣ ଲବ୍ଧ ହେଉ ବୋଲି ଅନେକେ ପ୍ରଚାର କରନ୍ତି । ଆହୁରି ଅନ୍ୟ ଏକ ବର୍ଗର ଲୋକେ, ମନୁଷ୍ୟ ଯେତେ ପାପୀ ହେଲେ ହେଁ, ପରମେଶ୍ୱରଙ୍କ ଅନୁଗ୍ରହ ମନୁଷ୍ୟକୁ ବିନାଶରୁ ବଞ୍ଚାଏ ବୋଲି ବିଶ୍ୱାସ କରନ୍ତି ।

କିନ୍ତୁଏଗୁଡ଼ିକ ଭ୍ରାନ୍ତ ଶିକ୍ଷା । ଯେଉଁ ଆତ୍ମାମାନେ କେବେ ବି ପୁନଃଜୀବିତ ହୋଇନାହାନ୍ତି ଓ ପୁନଃଜନ୍ମ ଗ୍ରହଣ କଲାପରେ ପାପ କରନ୍ତି, ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ରହିଅଛି ।

ପ୍ରେରିତ ପାଉଲଙ୍କ ସମୟରେ, ଭ୍ରାନ୍ତ ଶିକ୍ଷକମାନଙ୍କର ସେ ସମର୍ଥନ କରିନଥିଲେ । ବରଂ କହିଲେ,"ଖ୍ରୀଷ୍ଟଙ୍କ ଅନୁଗ୍ରହରେ ଯେ ତୁମ୍ଭମାନଙ୍କୁ ଆହ୍ୱାନ କଲେ, ତାହାଙ୍କ ଠାରୁ ତୁମ୍ଭେମାନେ ଯେ ଏଡ଼େ ଶୀଘ୍ର ବିମୁଖ ହୋଇ ଅନ୍ୟ ସୁସମାଚାର ପ୍ରତି ଅନୁରକ୍ତ ହେଉଅଛ, ଏଥିରେ ମୁଁ ଚମତ୍କୃତ ହେଉଅଛି, ତାହା ଅନ୍ୟ ସୁସମାଚାର ସୁଦ୍ଧା ନୁହେଁ, କେବଳ କେତେକ ତୁମ୍ଭମାନଙ୍କୁ ଅସ୍ଥିର କରୁଅଛନ୍ତି, ଓ ଖ୍ରୀଷ୍ଟଙ୍କ ସୁସମାଚାରକୁ ବିକୃତ କରିବାକୁ ଇଚ୍ଛା କରୁଅଛନ୍ତି । କିନ୍ତୁ ଯେଉଁ ସୁସମାଚାର ଆମ୍ଭେମାନେ ତୁମ୍ଭମାନଙ୍କ ନିକଟରେ ପ୍ରଚାର କରିଥିଲୁ, ଆମ୍ଭେମାନେ କିମ୍ବା ସ୍ୱର୍ଗଦୂତ ହେଲେ ଯଦି କେହି ତଦ୍‌ଭିନ୍ନ ଅନ୍ୟ ସୁସମାଚାର ପ୍ରଚାର କରେ ସେ ଶାପଗ୍ରସ୍ତ ହେଉ ।" (ଗାଲାତୀ ୧:୬-୮) । ଏହି ଶାସ୍ତ୍ରାଂଶରୁ ସତ୍ୟ ବିଷୟକ ଅଜ୍ଞାନତା, ଅନାଜ୍ଞାବହତାରୁ ଧର୍ମନୀତ ଭ୍ରଷ୍ଟତା, ଅବିଶ୍ୱସ୍ତତା ଠାରୁ ପରମେଶ୍ୱରଙ୍କ ଅନୁଗ୍ରହ ଆମ୍ଭମାନଙ୍କ ରକ୍ଷା କରିପାରେ ନାହିଁ ବୋଲି ବୁଝିପାରିଲୁ ।

ସଦାପ୍ରଭୁ ଆମ୍ଭମାନଙ୍କୁ ଅନୁଗ୍ରହରେ ପରିତ୍ରାଣ ପ୍ରଦାନ କରନ୍ତି, ତାହା ଆମ୍ଭେ ବିଶ୍ୱାସରେ ଯୋଗ୍ୟରୂପେ ଗ୍ରହଣ କରୁ । ତାହାଙ୍କ ପ୍ରତ୍ୟେକ ଆଜ୍ଞାପାଳନ କରିବା ବିନା ତାହାଙ୍କ ଅନୁଗ୍ରହରେ ଆମ୍ଭେମାନେ ପରିତ୍ରାଣ ପାଇନପାରୁ । ସ୍ୱର୍ଗରେ ଏକ ଗୃହ ପ୍ରାପ୍ତ ହେବା ନିମନ୍ତେ ଆମ୍ଭମାନଙ୍କୁ ତାହାଙ୍କ ଆଜ୍ଞା ପାଳନ କରି, ତାହାଙ୍କ ଅନୁଗ୍ରହ ନିମନ୍ତେ ଅପେକ୍ଷା କରୁ ।

*- J.C. Choate*

❋❋❋

# ଏକଦା ଏକ ଦିନେ...

## (Once upon A Time...)

ଏହା ଏକ ପାଚୀନ ନାୟକଙ୍କ କାହାଣୀ । ସେ ଖ୍ରୀଷ୍ଟପୂର୍ବ ୧୦୦୦ ବର୍ଷ ତଳେ ଇଶ୍ରାଏଲ୍ ଦେଶରେ ରାଜତ୍ୱ କରୁଥିଲେ । ଏହି ପରମେଶ୍ୱରଙ୍କ ହୃଦୟନୁସାରର ବ୍ୟକ୍ତିଙ୍କୁ (Man.after God's own heart), ତାହାଙ୍କ ପିତା ଯିଶୀ, "ଦାଉଦ" (ପ୍ରିୟ) ନାମରେ ନାମିତ କରିଥିଲେ । ତାହାଙ୍କ ଜୀବନୀ ଓ ଶାସନ ବିଷୟରେ ଆମ୍ଭେମାନେ ୧ମ ଓ ୨ୟ ଶାମୁୟେଲ, ପ୍ରଥମ ରାଜାବଳି ଓ ୧ମ ବଂଶାବଳୀର ପୁସ୍ତକମାନଙ୍କ ଠାରେ ପଢ଼ିଥାଉ । ବାଇବଲର ଆଉ କୌଣସି ବ୍ୟକ୍ତି ବିଷୟରେ ଏତେ ବିସ୍ତୃତ ବିବରଣ ପଢ଼ିବାକୁ ପାଇ ନଥାଉ ।

ବୈଥଲହିମୀୟ ବାଳକ, ଏକ ସୌନ୍ଦର୍ଯ୍ୟବାନ ପୁରୁଷ ଥିଲେ । ".......ସେ ଇଷତ ରକ୍ତ ବର୍ଣ୍ଣ ଓ ସୁନୟନ ଓ ଦେଖିବାକୁ ସୁନ୍ଦର......." (୧ମ ଶାମୁୟେଲ ୧୬:୧୨) କିନ୍ତୁ ସଦାପ୍ରଭୁ ତାହାଙ୍କ ହୃଦୟ ଜାଣି, ଶାଉଲଙ୍କ ପରବର୍ତ୍ତୀ ରାଜାରୂପେ ଅଭିଷିକ୍ତ କରିଥିଲେ । ସେ ଆତ୍ମିକ ଭାବେ ଓ ଶାରୀରିକ ଭାବେ ବଳିଷ୍ଠ ଥିଲେ । ସେ ଏକ ଛାଟିଣୀ ଓ ଗୋଡ଼ି ଦ୍ୱାରା ପାଲେଷ୍ଟୀୟ ଯୋଦ୍ଧା ଗଲିୟାତକୁ ବଧ କରିଥିଲେ । ସେ ଶାଉଲଙ୍କୁ କହିଲେ,"........ଆପଣଙ୍କ ଦାସ ଆପଣା ପିତାର ମେଷ ଚରାଉଥାଏ, ପୁଣି କୌଣସି ସମୟରେ ଗୋଟିଏ ସିଂହ କି ଗୋଟିଏ ଭାଲୁ ଆସି ପଲ ମଧ୍ୟରୁ ଛୁଆ ଘେନିଗଲେ, ମୁଁ ତାହା ପଛେ ପଛେ ଗୋଡ଼ାଇ ତାକୁ ମାରି ତା' ମୁଖରୁ ଛୁଆକୁ ରକ୍ଷା କରେ । ପୁଣି ସେ ମୋ ଉପରକୁ ଉଠିଲେ, ମୁଁ ତାହାର ଦାଢ଼ି ଧରି ତାହାକୁ ମାରି ବଧ କରେ ।" (୧ମ ଶାମୁୟେଲ ୧୭:୩୪-୩୫) ବଳିଷ୍ଠ ଯୋଦ୍ଧା ଦାଉଦ, ଇଶ୍ରାୟେଲ ଦେଶ ଚାଳିଶି ବର୍ଷ ରାଜତ୍ୱ କରିଥିଲେ ।

".........ଇଶ୍ରାୟେଲର ମଧୁର ଗାୟକ........."(୨ୟ ଶାମୁୟେଲ ୨୩:୧) ଦ୍ୱାରା ଗୀତ ସଂହିତା ପୁସ୍ତକର ୧୫୦ ଗୀତରୁ ୭୩ ଗୀତ ରଚିତ । ସେ ପରମେଶ୍ୱର ନିୟମ ସିନ୍ଦକ ସମ୍ମୁଖରେ ଆନନ୍ଦରେ ନୃତ୍ୟଗାନ କରିବାର ଘଟଣା ଆମ୍ଭେମାନେ ୧ମ ବଂଶାବଳୀ ୧୫:୨୯ ପଦରେ ପଢ଼ିଥାଉ । ଯାହା କହେ, "ପୁଣି ଦାଉଦ ନଗରରେ ସଦାପ୍ରଭୁଙ୍କ ନିୟମ-ସିନ୍ଦକ ଉପସ୍ଥିତ ହୁଅନ୍ତେ, ଦାଉଦ ରାଜକୁ

ନୃତ୍ୟ ଓ ଆନନ୍ଦ କରିବାର ଦେଖିଲା.......'' । ଥରେ ସେ ରାଜା ଶାଉଲଙ୍କ ଦୃଷ୍ଟିରୁ ଗାଥ ଦେଶକୁ ପଳାୟନ କରିଥିଲେ । ରାଜାଙ୍କ ଦାସମାନେ ତାହାଙ୍କୁ ଚିହ୍ନିବାରୁ, ଦାଉଦ ଏକ ପାଗଳ ରୂପେ ଅଭିନୟ କରିଥିଲେ । ''ଏଣୁ ସେ ସେମାନଙ୍କ ସାକ୍ଷାତରେ ଆପଣା ମତି ବଦଳାଇଲେ ଓ ସେମାନଙ୍କ ନିକଟରେ ଆପଣାକୁ ବାତୁଳ ପରି ଦେଖାଇ ଦ୍ୱାରା କବାଟ ଆଞ୍ଚୁଡ଼ିଲେ ଓ ଆପଣା ଦାଢ଼ିରେ ଲାଳ ବୋହିବାକୁ ଦେଲେ ।'' (୧ମ ଶାମୁୟେଲ ୨୧:୧୩) । ଦାଉଦ, ଏକ ଉତ୍ତମ ଅଭିନେତା ଥିଲେ ।

ଦାଉଦ ଜଣେ ପରିବାର ପ୍ରେମୀ ବ୍ୟକ୍ତି ଥିଲେ । ସେ ରାଜା ଶାଉଲଙ୍କ ସମ୍ମୁଖରୁ ପଳାୟନ କରୁଥିବା ସମୟରେ ମୋୟାବ ରାଜା ନିକଟକୁ ଯାଇ କହିଲେ, ''..........ମୁଁ ବିନୟ କରୁଅଛି, ପରମେଶ୍ୱର ମୋ ପ୍ରତି କଅଣ କରିବେ, ତାହା ମୁଁ ଜାଣିବା ପର୍ଯ୍ୟନ୍ତ ମୋର ପିତାମାତାଙ୍କୁ ତୁମ୍ଭମାନଙ୍କ ମଧ୍ୟରେ ରହିବାକୁ ଦିଅ ।'' (୧ମ ଶାମୁୟେଲ ୨୧:୧୩) ସେ ଏକ ପ୍ରେମୀ ସ୍ୱାମୀ ଥିଲେ । ବେଥ୍‌ସେବାଙ୍କ ଦ୍ୱାରା ଜାତ ତାହାଙ୍କ ପ୍ରଥମ ସନ୍ତାନର ମୃତ୍ୟୁ ପରେ, ସେ ତାହାଙ୍କୁ ସାନ୍ତ୍ୱନା ଦେଇଥିଲେ । (୨ୟ ଶାମୁୟେଲ ୧୨:୨୪) । ସେ ଏକ ପ୍ରେମମୟ ପିତା ଥିଲେ, ଅବଶାଲାମ ଆପଣା ଭ୍ରାତା ଅମ୍ନନଙ୍କୁ ହତ୍ୟା କରି ଗଶୂର ଦେଶକୁ ପଳାୟନ କରିଥିବା ସମୟରେ ଦାଉଦ ''.......ପ୍ରତିଦିନ ଆପଣା ପୁତ୍ର ପାଇଁ ଶୋକ କଲେ ।'' ୨ୟ ଶାମୁୟେଲ ୧୩:୩୭) ବିଦ୍ରୋହୀ ପୁତ୍ର ଅବଶାଲୋମଙ୍କ ଯୁଦ୍ଧରେ ମୃତ୍ୟୁରେ ସେ ଶୋକ କରିଥିଲେ ବୋଲି ୨ୟ ଶାମୁୟେଲ ୧୮:୩୩ ପଢ଼ିଥାଉ । ଦାଉଦଙ୍କ ଆପଣା ମିତ୍ର ଯୋନଥନ ନିମନ୍ତେ ଅତ୍ୟନ୍ତ ସ୍ନେହ ଥିଲା । ତାହାଙ୍କ ପୁତ୍ର ମଫୀବୋଶତ୍ ନିତ୍ୟ ରାଜମେଜରେ ଭୋଜନ କଲେ । (୨ୟ ଶାମୁୟେଲ ୯:୧୩)

ଦାଉଦ ଏକ ମହାନ୍ ଶିଳ୍ପୀ ଥିଲେ । ଯଦିଓ ତାହାଙ୍କ ପୁତ୍ର ଶଲୋମନ ଯିରୁଶାଲମରେ ମନ୍ଦିର ନିର୍ମାଣ କରିଥିଲେ, ସେ ମନ୍ଦିରର ନକ୍‌ସା ଅଙ୍କନ କରି, ଆବଶ୍ୟକୀୟ ବସ୍ତୁ ସକଳ ସଞ୍ଚୟ କରିଥିଲେ । ଲେଖାଯାଏ,''ତେବେ ଦାଉଦ ଆପଣା ପୁତ୍ର ଶଲୋମନଙ୍କୁ ମନ୍ଦିର ବାରଣ୍ଡା ଓ ତହିଁ ଗୃହର ଓ ତହିଁ ଉପର କୋଠରୀ ଓ ତହିଁ ଭିତର କୋଠରୀର ଓ ପାପାଚ୍ଛାଦନର ସ୍ଥାନର ନମୁନା ଦେଲେ, ଆହୁରି, ସେ ଆତ୍ମାଙ୍କ ଦ୍ୱାରା ସଦାପ୍ରଭୁଙ୍କ ଗୃହର ପ୍ରାଙ୍ଗଣ ନିମନ୍ତେ ଓ ଚତୁର୍ଦ୍ଦିଗସ୍ଥିତ ସମସ୍ତ କୋଠରୀ ନିମନ୍ତେ ଓ ପରମେଶ୍ୱରଙ୍କ ଗୃହର ଭଣ୍ଡାର ନିମନ୍ତେ ଓ ପବିତ୍ରୀକୃତ ବସ୍ତୁସବୁର ଭଣ୍ଡାର ନିମନ୍ତେ ପ୍ରାପ୍ତ ସମସ୍ତ ନମୁନା ଦେଲେ, ମଧ୍ୟ ଯାଜକ ଓ ଲେବୀୟମାନଙ୍କ ପାଳି ନିମନ୍ତେ ଓ

ସଦାପ୍ରଭୁଙ୍କ ଗୃହର ସେବାର୍ଥକ ସମସ୍ତ କାର୍ଯ୍ୟ ନିମନ୍ତେ ଓ ସଦାପ୍ରଭୁଙ୍କ ଗୃହର ସେବାର୍ଥକ ସମସ୍ତ ପାତ୍ର ନିମନ୍ତେ, ରୂପା ତୌଲି ଦେଲେ........ ଏହି ନମୁନାର ସମସ୍ତ କର୍ମ ସଦାପ୍ରଭୁଙ୍କ ହସ୍ତ ଲିଖନରେ ଆମ୍ଭଙ୍କୁ ବୁଝାଇ ଦେଇଅଛନ୍ତି ।'' (୧ମ ବଂଶାବଳୀ ୨୮:୧୧-୧୯) ସେ ପରମେଶ୍ୱରଙ୍କ ପବିତ୍ର ମନ୍ଦିର ନିମନ୍ତେ ସଞ୍ଚୟ କରିଥିଲେ । ''ଏବେ ମୁଁ ଆପଣାର ସମସ୍ତ ଶକ୍ତିରେ ମୋ ପରମେଶ୍ୱରଙ୍କ ଗୃହ ନିମନ୍ତେ ପ୍ରଚୁର ରୂପେ ସ୍ୱର୍ଣ୍ଣମୟ ଦ୍ରବ୍ୟ ପାଇଁ ସୁନା ଓ ରୌପ୍ୟମୟ ଦ୍ରବ୍ୟ ପାଇଁ ରୂପା ଓ ପିତ୍ତଳମୟ ଦ୍ରବ୍ୟ ପାଇଁ ପିତ୍ତଳ, ଲୌହମୟ ଦ୍ରବ୍ୟ ପାଇଁ ଲୁହା ଓ କାଷ୍ଠମୟ ଦ୍ରବ୍ୟ ପାଇଁ କାଷ୍ଠ, ଗୋମେଦକ ମଣି ଓ ଖଚନାର୍ଥକ ପ୍ରସ୍ତର ଓ ସର୍ବପ୍ରକାର ବହୁମୂଲ୍ୟ ପ୍ରସ୍ତର ଓ ମର୍ମର ପ୍ରସ୍ତର ଆୟୋଜନ କରିଅଛି ।'' (୧ମ ବଂଶାବଳୀ ୨୯:୨)

ଆମ୍ଭମାନଙ୍କ ନାୟକ ଏହି ଜଗତରେ ଏକ ଅସାଧାରଣ ଜୀବନଯାପନ କରିଥିଲେ । ଛାଟିଣୀ ଓ ଗୋଡ଼ି ଦ୍ୱାରା ଏକ ଶକ୍ତିମାନ ଗଲିୟାତକୁ ବଧ କରିଥିଲେ । (୧ମ ଶାମୁୟେଲ ୧୭:୪୭) । ତାହାଙ୍କୁ ହତ କରିବାକୁ ଚେଷ୍ଟିତ ରାଜା ଶାଉଲଙ୍କୁ ସେ ବଧ କରିବାକୁ ନାସ୍ତି କଲେ ।'' (ମନୁଷ୍ୟ ଆପଣା ଶତ୍ରୁକୁ ପାଇଲେ, ସେ କଅଣ ତାକୁ ଭଲରେ ଯିବାକୁ ଦେବ ?.........'' (୧ମ ଶାମୁୟେଲ ୨୪:୧୦,୧୯) । ବେଥ୍‌ସେବାଙ୍କ ଦ୍ୱାରା ତାହାଙ୍କ ପୁତ୍ରଙ୍କ ମୃତ୍ୟୁ ପରେ ସେ ଉଠି ସ୍ନାନ ଓ ମର୍ଦ୍ଦନ ଓ ବସ୍ତ୍ର ପରିବର୍ତ୍ତନ କରି ଭୋଜନପାନ କରି କହିଲେ,''.......ବାଳକ ବଞ୍ଚିଥିବା ବେଳେ ମୁଁ ଉପବାସ ଓ ରୋଦନ କଲି, କାରଣ ମୁଁ କହିଲି କେଜାଣି ସଦାପ୍ରଭୁ ମୋ ପ୍ରତି କୃପା କଲେ, ମୋହର ବାଳକଟି ବଞ୍ଚିପାରିବ । ମାତ୍ର ଏବେ ସେ ତ ମଲା, ମୁଁ କାହିଁକି ଉପବାସ କରିବି ? ମୁଁ କି ତାକୁ ଫେରାଇ ଆଣିପାରିବି ? ମୁଁ ତାହା ନିକଟକୁ ଯିବି, ମାତ୍ର ସେ ମୋ ନିକଟକୁ ଫେରି ଆସିବ ନାହିଁ ।'' (୨ୟ ଶାମୁୟେଲ ୧୨:୨୨-୨୩)

ଆପଣାର ବିଦ୍ରୋହୀ ପୁତ୍ର ଅବଶାଲମଙ୍କ ନିକଟରୁ ପଳାୟନ କରିଥିବା ସମୟରେ ବିନ୍ୟାମୀନୀୟ ଶିମିୟ ତାହାଙ୍କୁ ଅନେକ ଶାପ ଦେଇ ପଥର ଓ ଧୂଳି ପକାଇଲା କିନ୍ତୁ ଦାଉଦ ତାହାଙ୍କୁ ଆଘାତ କରିବାରେ ସମ୍ମତ ନୋହିଲେ, (୨ୟ ଶାମୁୟେଲ ୧୬:୧୧-୧୪) । ଇଶ୍ରାଏଲର ''ତିନି ବୀର ପାଲେଷ୍ଟୀୟମାନଙ୍କ ସୈନ୍ୟ ମଧ୍ୟ ଦେଇ ଯାଇ ବୈଥଲେହମ୍ ନଗର ଦ୍ୱାର ନିକଟସ୍ଥ କୂପରୁ ଜଳ କାଢ଼ି ଦାଉଦଙ୍କ ନିକଟକୁ ଆଣିଲେ ମାତ୍ର ସେ ତହିଁରୁ ପାନ କରିବାକୁ ସମ୍ମତ ନାହିଁ ବରଂ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଢ଼ାଳି ଦେଲେ । ପୁଣି ସେ କହିଲେ, ହେ ସଦାପ୍ରଭୋ, ମୁଁ ଯେ ଏ କର୍ମ

କରିବି, ଏହା ମୋ' ଠାରୁ ଦୂର ହେଉ, ପ୍ରାଣପଣରେ ଗମନକାରୀ ମନୁଷ୍ୟମାନଙ୍କ ରକ୍ତ କି ମୁଁ ପାନ କରିବି । ଏଣୁ ସେ ତାହା ପାନ କରିବାକୁ ସମ୍ମତ ନୋହିଲେ....'' (୨ୟ ଶାମୁୟେଲ ୨୩:୧୬-୧୭ ଓ ପ୍ରଥମ ବଂଶାବଳୀ ୧୧:୧୭-୧୯) ଇଶ୍ରାଏଲ ଦେଶରେ ମହାମାରୀ ନିବୃତ ହେବା ନିମନ୍ତେ ଯିହୂଦୀୟ ଅରୌଣାର ଶସ୍ୟମର୍ଦ୍ଦନ ସ୍ଥାନରେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଯଜ୍ଞବେଦୀ ନିର୍ମାଣ କରି ହୋମବଳି ଓ ମଙ୍ଗଳାର୍ଥବଳି ଉତ୍ସର୍ଗ କରିବା ନିମନ୍ତେ ସଦାପ୍ରଭୁଙ୍କ ଆଜ୍ଞା ଥିଲା । ହୋମବଳି ନିମନ୍ତେ ଅରୌଣା ବୃଷ ସବୁ ଓ କାଷ୍ଠ ଦେବା ନିମନ୍ତେ ଉତ୍ସୁକ ହେବାରୁ ଦାଉଦ କହିଲେ,''........ନା, ମାତ୍ର ମୁଁ ଅବଶ୍ୟ ମୂଲ୍ୟ ଦେଇ ତୁମ୍ଭ ଠାରୁ ଏସବୁ କିଣିବି, ଆଉ ମୁଁ ସଦାପ୍ରଭୁ ମୋ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ବିନାମୂଲ୍ୟରେ ହୋମବଳି ଉତ୍ସର୍ଗ କରିବି ନାହିଁ......'' (୨ୟ ଶାମୁୟେଲ ୨୪:୨୪) ''କାରଣ ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ଯଥାର୍ଥ, ତାହା ଦାଉଦ କରିଥିଲେ ଓ କେବଳ ହିତ୍ତୀୟ ଉରିୟର କଥା ଛଡ଼ା ଆଉ କୌଣସି ବିଷୟରେ ସେ ଆପଣାର ଯାବଜ୍ଜୀବନ ତାହାଙ୍କର ଦତ୍ତ ଆଜ୍ଞାରୁ ବିମୁଖ ହୋଇ ନଥିଲେ.....'' (୧ମ ରାଜାବଳି ୧୫:୫) ।

ପରମେଶ୍ୱରଙ୍କ ହୃଦୟାନୁଯାୟୀ ବ୍ୟକ୍ତିକୁ ପରମେଶ୍ୱର ଅତ୍ୟଧିକ ଭାବେ ଆଶୀର୍ବାଦ କରିଥିଲେ । ସେ ଇଶ୍ରାଏଲକୁ ୪୦ ବର୍ଷ ରାଜତ୍ୱ କରିଥିଲେ । ସଦାପ୍ରଭୁ ତାହାଙ୍କୁ ଆଶୀର୍ବାଦ କରି କହିଲେ,''ତୁମ୍ଭ ବଂଶ ଓ ତୁମ୍ଭ ରାଜତ୍ୱ ତୁମ୍ଭ ସମ୍ମୁଖରେ ଅନନ୍ତକାଳ ସ୍ଥାୟୀ ହେବ ।'' (୨ୟ ଶାମୁୟେଲ ୭:୧୬) । ସଦାପ୍ରଭୁ ତାହାଙ୍କୁ ଅନନ୍ତକାଳ ନିମନ୍ତେ ଆଶୀର୍ବାଦ କରିଥିଲେ । ତାହାଙ୍କ ସିଂହାସନ ଅନନ୍ତକାଳ ନିମନ୍ତେ ସ୍ଥିରୀକୃତ ହୋଇଥିଲା । ତାହାଙ୍କ ବଂଶ ପୁରୁଷାନୁକ୍ରମେ ଯିହୂଦା ରାଜ୍ୟ ପ୍ରତିପାଳନ କରିଥିଲେ । ଅନ୍ୟ ରାଜାମାନଙ୍କ ନିମନ୍ତେ ସେ ଏକ ମାପକାଠି ଥିଲେ ।

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ତାହାଙ୍କ ବଂଶରେ ଏହି ଜଗତରେ ଜାତ ହୋଇଥିଲେ । ତାହାଙ୍କ ଜନ୍ମର ୭୦୦ ବର୍ଷ ପୂର୍ବେ ଭାବବାଦୀ ଯିଶାଇୟ ପ୍ରକଟ କରି କହିଥିଲେ,''କାରଣ ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମିଅଛନ୍ତି, ଆମ୍ଭମାନଙ୍କୁ ଏକ ପୁତ୍ର ଦତ୍ତ ହୋଇଅଛନ୍ତି ଓ ତାହାଙ୍କ ସ୍କନ୍ଧରେ କର୍ତ୍ତୃତ୍ୱଭାର ଥୁଆଯିବ, ପୁଣି, ତାହାଙ୍କର ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା, ଶାନ୍ତି ରାଜ ହେବ । ତାହାଙ୍କ କର୍ତ୍ତୃବ୍ୟବୃଦ୍ଧି ଓ ଶାନ୍ତିର ସୀମା ରହିବ ନାହିଁ, ସେ ଦାଉଦଙ୍କର ସିଂହାସନରେ ଓ ତାହାଙ୍କର ରାଜ୍ୟରେ ଉପବିଷ୍ଟ ହୋଇ ନ୍ୟାୟ ବିଚାର ଓ

ଧାର୍ମିକତାର ଏକ୍ଷଣ ଠାରୁ ଅନନ୍ତକାଳ ପର୍ଯ୍ୟନ୍ତତାହା ସୁସ୍ଥିର ଓ ସୁଦୃଢ଼ କରିବେ । ସୈନ୍ୟାଧିପତି ସଦାପ୍ରଭୁଙ୍କ ଉଦ୍‌ଯୋଗ ଏହା ସାଧନ କରିବ ।'' (ଯିଶାଇୟ ୯:୬-୭) ଯୀଶୁଙ୍କ ଜନ୍ମ ପୂର୍ବେ ଗାବ୍ରୀୟେଲ ଦୂତ ମରିୟମ୍‌ଙ୍କୁ କହିଲେ,''ସେ ମହାନ ହେବେ ଓ ପରାତ୍ପରଙ୍କ ପୁତ୍ର ବୋଲି ଖ୍ୟାତ ହେବେ, ପ୍ରଭୁ ଈଶ୍ୱର ତାହାଙ୍କୁ ତାହାଙ୍କ ପିତା ଦାଉଦଙ୍କ ସିଂହାସନ ଦାନ କରିବେ, ସେ ଯାକୁବ ବଂଶ ଉପରେ ଯୁଗେ ଯୁଗେ ରାଜତ୍ୱ କରିବେ, ପୁଣି ତାହାକ ରାଜ୍ୟର ଶେଷ ହେବ ନାହିଁ । (ଲୂକ ୧:୩୨-୩୩) । ଯୀଶୁଖ୍ରୀଷ୍ଟ ପ୍ରତିଜ୍ଞା କରି କହିଅଛନ୍ତି,''ଆମ୍ଭେ ଯେପରି ଜୟ କରି ଆମ୍ଭର ପିତାଙ୍କ ସହିତ ତାହାଙ୍କ ସିଂସନରେ ବସିଅଛୁ, ସେପରି ଯେ ଜୟ କରେ, ଆମ୍ଭେ ତାହାକୁ ଆମ୍ଭ ସହିତ ଆମ୍ଭର ସିହାସନରେ ବସିବାକୁ ଦେବୁ ।'' (ପ୍ରକାଶିତ ୩:୨୧) । ଯେଉଁମାନେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କରନ୍ତି, ସଂସାରର ଯୁଦ୍ଧରେ ପ୍ରାଣପଣ କରି ବିଶ୍ୱାସ ରକ୍ଷା କରନ୍ତି, ସେମାନଙ୍କ ନିମନ୍ତେ ଧାର୍ମିକତାର ମୁକୁଟ ସଂଚିତ କରି ରଖାଯାଇଅଛି । (ପ୍ରକାଶିତ ୨:୧୦ ଓ ୨ୟ ତୀମଥି ୪:୭)

ଆପଣ କି ସେହି ମୁକୁଟ ଧାରଣ କରି, ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁଖ୍ରୀଷ୍ଟଙ୍କ ସହିତ ଦାଉଦଙ୍କ ସିଂହାସନରେ ବସିବା ନିମନ୍ତେ ପ୍ରସ୍ତୁତ ହେଉଅଛନ୍ତି ?

*- Kabita Gootam*

❋❋❋

# ଆପଣ କି ଯୀଶୁଙ୍କୁ ପ୍ରେମ କରୁଅଛନ୍ତି ?
## (Do you Love Jesus ?)

ଜଗତର ଅତି ସଂଖ୍ୟାରେ ଲୋକେ ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱିକାର କରନ୍ତି ସେମାନେ ଯୀଶୁଙ୍କୁ ପ୍ରେମ କରନ୍ତି ବୋଲି ମଧ୍ୟ ସ୍ୱୀକାର କରନ୍ତି । (ଯୋହନ ୨୧:୧୫-୧୭) । ଏପରି ପ୍ରେମଭାବ ରହିବା ସ୍ୱାଭାବିକ । ସେ ଆମ୍ଭମାନଙ୍କୁ ପ୍ରେମ କରନ୍ତି ଓ ଆମ୍ଭମାନଙ୍କ ପାପର କ୍ଷମା ନିମନ୍ତେ ଆପଣାକୁ କ୍ରୁଶରେ ଅର୍ପଣ କରିଥିଲେ । ଏତଦ୍ୱାରା ଆମ୍ଭେମାନେ ସ୍ୱର୍ଗରେ ପ୍ରବେଶ କରିବା ନିମନ୍ତେ ସୁଯୋଗ ପାଇଅଛୁ । ଯୀଶୁଖ୍ରୀଷ୍ଟ ସ୍ୱୟଂ ପ୍ରେରିତ ପିତରଙ୍କୁ କହିଲେ,''.......ହେ ଯୋହନଙ୍କ ପୁତ୍ର ଶିମୋନ ତୁମ୍ଭେ କଅଣ ମୋତେ ଏମାନଙ୍କ ଠାରୁ ଅଧିକ ପ୍ରେମ କରୁଅଛ ? ସେ ତାହାଙ୍କୁ

କହିଲେ, ହଁ, ପ୍ରଭୁ, ମୁଁ ଯେ ଆପଣଙ୍କୁ ସ୍ନେହ କରୁଅଛି ତାହା ଆପଣ ଜାଣନ୍ତି । ସେ ତାଙ୍କୁ କହିଲେ, ମୋହର ମେଷଶାବକମାନଙ୍କୁ ଚରାଅ । ସେ ପୁନର୍ବାର ଦ୍ୱିତୀୟ ଥର ତାଙ୍କୁ ପଚାରିଲେ, ହେ ଯୋହନଙ୍କ ପୁତ୍ର ଶିମୋନ, ତୁମ୍ଭେକଅଣ ମୋତେ ସ୍ନେହ କରୁଅଛ, ଏହା କହି ସେ ତୃତୀୟ ଥର ପିତାଙ୍କୁ ପଚାରିବାରୁ ସେ ଦୁଃଖିତ ହୋଇ ତାହାଙ୍କୁ କହିଲେ, ପ୍ରଭୋ, ଆପଣ ସମସ୍ତ ବିଷୟ ଜାଣନ୍ତି, ମୁଁ ଯେ ଆପଣଙ୍କୁ ସ୍ନେହ କରୁଅଛି, ତାହା ଆପଣ ଜାଣନ୍ତି । ଯୀଶୁ କହିଲେ, ମୋହର ମେଷମାନଙ୍କୁ ଚରାଅ ।'' (ଯୋହନ ୨୧:୧୫-୧୭)

ଆଜି ଖ୍ରୀଷ୍ଟିୟାନ ଆପଣାକୁ ଏହି ପ୍ରଶ୍ନ କରୁ । ଯୀଶୁ ଆମ୍ଭମାନଙ୍କୁ ପ୍ରେମ କରନ୍ତି, ଆମ୍ଭେମାନେ ତାହାଙ୍କୁ ପ୍ରେମ କରୁ । ''.......ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହାହେଲେ ମୋହର ଆଜ୍ଞାସବୁ ପାଳନ କର ।'' (ଯୋହନ ୧୪:୧୫) । ତାହାଙ୍କ ଆଜ୍ଞା ଜ୍ଞାତ ହୋଇ ପାଳନ କଲେ, ଆମ୍ଭେମାନେ ପ୍ରକୃତରେ ତାହାଙ୍କୁ ପ୍ରେମ କରୁଅଛୁ । ସେ ଆମ୍ଭେମାନେ କିପରି ଆରାଧନା କରିବା ଆବଶ୍ୟକ, ରାଜ୍ୟ ବିଷୟକ ବାର୍ତ୍ତା ପ୍ରକଟିତ କରିବା ଆବଶ୍ୟକ, ରାଜ୍ୟ ବିଷୟକ ବାର୍ତ୍ତା ପ୍ରକଟିତ କରିବା ଆବଶ୍ୟକ ଜଣାଇ ଅଛନ୍ତି । ତାହା କି ଆମ୍ଭେମାନେ ପାଳନ କରୁଅଛୁ ?

ଯୀଶୁଙ୍କୁ ପ୍ରେମ କରିବାର ଅର୍ଥ, ପରସ୍ପରକୁ ପ୍ରେମ କରିବା । ଯୀଶୁ କହନ୍ତି,''ମୁଁ ଯେପରି ତୁମ୍ଭମାନଙ୍କୁ ପ୍ରେମ କରିଅଛି, ତୁମ୍ଭେମାନେ ସେହିପରି ପରସ୍ପରକୁ ପ୍ରେମ କର, ଏହି ମୋହର ଆଜ୍ଞା । ଆପଣା ବନ୍ଧୁମାନଙ୍କ ନିମନ୍ତେ ନିଜ ପ୍ରାଣ ଦାନ କରିବା ଅପେକ୍ଷା କାହାରି ଆଉ ଅଧିକ ଶ୍ରେଷ୍ଠ ପ୍ରେମ ନାହିଁ । ମୁଁ ତୁମ୍ଭମାନଙ୍କୁ ଯେଉଁ ଆଜ୍ଞା ଦେଉଅଛି, ତାହା ଯଦି ପାଳନ କର, ତେବେ ତୁମ୍ଭେମାନେ ମୋହର ବନ୍ଧୁ ।'' (ଯୋହନ ୧୫:୧୨-୧୪)

ସେ ଯେପରି ଜୀବନଯାପନ କରିଥିଲେ, ଆମ୍ଭେମାନେ ମଧ୍ୟ ସେହିପରି ଜୀବନଯାପନ କରିବା ଦ୍ୱାରା, ତାହାଙ୍କ ଠାରେ ଆମ୍ଭମାନଙ୍କ ପ୍ରେମ ପ୍ରକଟିତ ହୁଏ ।'' ଅତଏବ, ପ୍ରିୟ ସନ୍ତାନମାନଙ୍କ ପରି ଈଶ୍ୱରଙ୍କ ଅନୁକାରୀ ହୁଅ । ଖ୍ରୀଷ୍ଟ ଯେପରି ତୁମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସୁଗନ୍ଧି ନୈବେଦ୍ୟ ଓ ବଳିସ୍ୱରୂପେ ଆପଣାକୁ ଉତ୍ସର୍ଗ କଲେ, ସେହିପରି ପ୍ରେମରେ ଆଚରଣ କର ।'' (ଏଫିସୀ ୫:୧-୨)

ଆପଣା ଆପଣା ପ୍ରିୟମାନଙ୍କୁ ଆମ୍ଭେମାନେ ଯେପରି ପ୍ରେମ ପ୍ରକଟିତ କରୁ, ଯୀଶୁଙ୍କ ଠାରେ ଥିବା ଆମ୍ଭମାନଙ୍କ ପ୍ରେମ ପ୍ରକଟ କରୁ । ଯୀଶୁଙ୍କୁ ଅନୁସରଣ କରିବାର ଅର୍ଥ ତାହାଙ୍କ ନିମନ୍ତେ କାର୍ଯ୍ୟ କରିବା, ତାହାଙ୍କ ଉପାସନା କରିବା, ପରସ୍ପର ସାହାଯ୍ୟ କରିବା, ଅନ୍ୟମାନଙ୍କୁ ଶିକ୍ଷା ଦେବା ଓ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଫେରାଇ ଆଣିବା ଏବଂ ଶତ୍ରୁମାନଙ୍କୁ ପ୍ରେମ କରିବା ।

ଯୀଶୁ କହିଲେ,''କୌଣସି ଲୋକ ଦୁଇ ପ୍ରଭୁଙ୍କର ଦାସ ହୋଇପାରେ ନାହିଁ, କାରଣ ସେ ଜଣକୁ ଘୃଣା କରିବ ଓ ଅନ୍ୟ ଜଣଙ୍କୁ ପ୍ରେମ କରିବ, ଅଥବା ଜଣଙ୍କ ପ୍ରତି ଅନୁରକ୍ତ ହେବ ଓ ଅନ୍ୟ ଜଣକୁ ଅବଜ୍ଞା କରିବ । ତୁମ୍ଭେମାନେ ଈଶ୍ୱର ଓ ଧନ, ଉଭୟର ଦାସ ହୋଇପାର ନାହିଁ ।'' (ମାଥିଉ ୬:୨୪)

ଆପଣ କି ଯୀଶୁଙ୍କୁ ପ୍ରେମ କରୁଅଛନ୍ତି ?

***- Wayne Barrier***

❃❃❃

# ଖ୍ରୀଷ୍ଟଙ୍କ ଠାରେ ନିହିତ ଆଶୀଷ
## (Blessings in Christ)

ଏଫିସୀ ୧:୩ ପଦରେ କୁହାଯାଏ,''ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।'' (ଏଫିସୀ ୧:୩)

''ସମସ୍ତ ଆତ୍ମିକ ଆଶୀର୍ବାଦ'', ପରିତ୍ରାଣ ଖ୍ରୀଷ୍ଟଙ୍କ ଠାରେ ଅଛି । ୨ୟ ତୀମଥି ୨:୧୦ ପଦରେ ଲେଖାଯାଏ,''........ମନୋନୀତ ଲୋକମାନେ ମଧ୍ୟ ଯେପରି ଅନନ୍ତ ଗୌରବ ସହିତ ଖ୍ରୀଷ୍ଟଙ୍କ ଦତ୍ତ ପରିତ୍ରାଣ ପ୍ରାପ୍ତ ହୁଅନ୍ତି, ଏଥିପାଇଁ ମୁଁ ସେମାନଙ୍କ ନିମନ୍ତେ ସମସ୍ତ ବିଷୟ ଧୈର୍ଯ୍ୟ ଧରି ସହ୍ୟ କରୁଅଛି ।''

ଖ୍ରୀଷ୍ଟଙ୍କ ଠାରେ କ୍ଷମା ଅଛି । ଏଫିସୀ ୧:୭ ପଦ କହେ,''ତାହାଙ୍କ ଅନୁଗ୍ରହ ରୂପ ନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କ ଠାରେ ତାହାଙ୍କ ରକ୍ତ ଦ୍ୱାରା

ମୁକ୍ତି, ଅର୍ଥାତ୍ ଅପରାଧ ସବୁର କ୍ଷମା ପ୍ରାପ୍ତ ହୋଇଅଛୁ ।'' ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ରହନ୍ତି, ସେମାନେ ଅନନ୍ତ ଶାସ୍ତିରୁ ମୁକ୍ତ । ବାକ୍ୟ କହେ, ''ଅତଏବ ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଅଛନ୍ତି, ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ ।'' (ରୋମୀୟ ୮:୧)

ଖ୍ରୀଷ୍ଟଙ୍କ ଠାରେ ରହି ମୃତ୍ୟୁଭୋଗିବା ଲୋକେ ଆଶୀର୍ବାଦ ପ୍ରାପ୍ତ ହେବେ । ''.......ଯେଉଁମାନେ ଏଣିକି ପ୍ରଭୁଙ୍କ ଠାରେ ଥାଇ ମରନ୍ତି, ସେମାନେ ଧନ୍ୟ.......'' (ପ୍ରକାଶିତ ୧୪:୧୩) । ଖ୍ରୀଷ୍ଟଙ୍କ ଠାରେ ଅନନ୍ତ ଜୀବନ ଅଛି । ''.......ଈଶ୍ୱର ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇଅଛନ୍ତି, ପୁଣି ସେହି ଜୀବନ ତାହାଙ୍କ ପୁତ୍ରଙ୍କ ଠାରେ ଅଛି ।'' (୧ମ ଯୋହନ ୫:୧୧)

ଖ୍ରୀଷ୍ଟଙ୍କ ଠାରେ ନିହିତ ଅଳ୍ପ କେତୋଟି ଆଶୀଷ, ଉପରୋକ୍ତ ବାକ୍ୟଗୁଡ଼ିକରେ ଲିଖିତ ହୋଇଅଛି । ତାହାଙ୍କ ଠାରେ ଥିବା ଆଶୀଷ ସକଳ ପ୍ରାପ୍ତ ହେବା ନିମନ୍ତେ ତାହାଙ୍କ ଠାରେ ରହିବା ଆବଶ୍ୟକ । ପ୍ରଶ୍ନ ଉଠେ, ଖ୍ରୀଷ୍ଟଙ୍କ ଠାରେ କିପରି ପ୍ରବେଶ କରିପାରିବା ? ରୋମୀୟ ୧୦:୧୦ ପଦରେ କୁହାଯାଏ, ''କାରଣ ଧାର୍ମିକତା ପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ । ''ପ୍ରେରିତ ୧୧:୧୮ ପଦରେ ପିତର କହନ୍ତି, ''........ଈଶ୍ୱର ବିଜାତିମାନଙ୍କୁ ମଧ୍ୟ ଜୀବନପ୍ରାପ୍ତି ନିମନ୍ତେ ମନପରିବର୍ତ୍ତନ ଦାନ କରିଅଛନ୍ତି ।'' ''ଆମ୍ଭେମାନେ ଯେତେଲୋକ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ?'' (ରୋମୀୟ ୬:୩) । ''......ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।'' (ଗାଲାତୀ ୩:୨୭) ''......ସମସ୍ତେ ତ ଏକ ଆତ୍ମା ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ (୧ମ କରିନ୍ଥୀ ୧୨:୧୩) । ବାପ୍ତିସ୍ମ ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ତାହାଙ୍କ ଶରୀରରୂପ ମଣ୍ଡଳୀରେ ଅନ୍ତର୍ଭୁକ୍ତ ହେଉ ।

ଅତଏବ, ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହୋଇ ରହିବାର ଅର୍ଥ, ତାହାଙ୍କ ମଣ୍ଡଳୀ ସହ ସଂଯୁକ୍ତ ହୋଇ ରହିବା । ଯେଉଁଠାରେ ସମସ୍ତ ଆଶୀଷ ପ୍ରାପ୍ତ ହୋଇପାରିବା । ଆପଣ କି ଖ୍ରୀଷ୍ଟଙ୍କ ଠାରେ ଅଛନ୍ତି ? ଆପଣ ସମସ୍ତ ଆଶୀର୍ବାଦ ପ୍ରାପ୍ତ ହେବା ନିମନ୍ତେ

କି ଇଚ୍ଛୁକ ଅଟନ୍ତି । ବାକ୍ୟର ଆଜ୍ଞାବହ ହୋଇ ବାପ୍ତିଜିତ ହୁଅ ଓ ଖ୍ରୀଷ୍ଟଙ୍କୁ ଧାରଣ କରି ଆଶୀଷ ସକଳର ଭାଗୀଦାର ହୁଅ ।

*- John Stacy*

❋❋❋

# ଖ୍ରୀଷ୍ଟିୟାନ ହେବା ମହୋତ୍ତମ ବିଷୟ !

## (It is great to be a Christian !)

ରୋମୀୟ କାରାଗାରରେ କ୍ଲେଶ ଭୋଗୁଥିବା ପ୍ରେରିତ ପାଉଲ ଫିଲିପ ।ଣ୍ଡଳୀକୁ ଲେଖନ୍ତି,''ସର୍ବଦା ପ୍ରଭୁଙ୍କ ଠାରେ ଆନନ୍ଦ କର, ପୁନଶ୍ଚ କହୁଅଛି ଆନନ୍ଦ ର ।'' (ଫିଲିପ ୪:୪) । କାରାଗାରରେ ସେ ଆନନ୍ଦରେ ରହିଥିଲେ ଓ ଅନ୍ୟ ୍ରୀଷ୍ଟିୟାନମାନଙ୍କୁ ଆନନ୍ଦରେ ରହିବା ନିମନ୍ତେ ଉତ୍ସାହିତ କରିଥିଲେ । ଖ୍ରୀଷ୍ଟଙ୍କ ଠାରେ ାହା ଆନନ୍ଦ ସଂଚିତ ହୋଇଅଛି । ଖ୍ରୀଷ୍ଟିୟାନମାନେ ଜଗତରେ ସମସ୍ତଙ୍କ ଠାରୁ ଅଧିକ ାବେ ଆନନ୍ଦମୟ ଗୋଷ୍ଠୀ । ତେଣୁକରି ଖ୍ରୀଷ୍ଟିୟାନ ହେବା ମହୋତ୍ତମ ବିଷୟ !

ଖ୍ରୀଷ୍ଟିୟାନ ହେବା ମହୋତ୍ତମ ବିଷୟ, କାରଣ ଆମ୍ଭେମାନେ ଜାଣୁ ଯେ, ୀଷ୍ଟଙ୍କ ରକ୍ତ ଆମ୍ଭମାନଙ୍କ ସମସ୍ତ ପାପରୁ ଧୌତ କରିଅଛି । (ପ୍ରକାଶିତ ୧:୫) । ରମେଶ୍ୱରଙ୍କ ପୁତ୍ରଙ୍କ ଶୁଦ୍ଧ, ପବିତ୍ର ରକ୍ତ ଦ୍ୱାରା ଆମ୍ଭେମାନେ ନ୍ୟାୟୀ ପରମେଶ୍ୱରଙ୍କ ହିତ ସମ୍ମିଳିତ ହୋଇଅଛୁ । (ଏବ୍ରୀ ୯:୨୨:୧୦-୨୨, ରୋମୀୟ ୫:୫-୧୧) । ାହାଙ୍କ ମରଣର ସାଦୃଶ୍ୟରେ ଆମ୍ଭେମାନେ ବାପ୍ତିଜିତ ହେବା ସମୟରେ ତାହାଙ୍କ କ୍ତ ଆମ୍ଭମାନଙ୍କ ପାପୀ ଆତ୍ମା ଉପରେ ଲେପନ କରାଗଲା । (ରୋମୀୟ ୬:୩- ), ପ୍ରେରିତ ୨:୩୮, ୨୨:୧୬)

ଖ୍ରୀଷ୍ଟିୟାନ ହେବା ମହୋତ୍ତମ ବିଷୟ, କାରଣ ଆମ୍ଭେମାନେ ଜାଣୁ ମ୍ଭେମାନେ ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ କରାଯାଇଅଛୁ । ମଣ୍ଡଳୀ ଖ୍ରୀଷ୍ଟଙ୍କ ଶରୀର ଟେ । (ଏଫିସୀ ୨୨,୨୩, ରୋମୀୟ ୧୬:୧୬) ଆମ୍ଭେମାନେ ବାପ୍ତିଜିତ ହେବା ୀୟରେ ସେହି ଶରୀରରେ ସଂଯୁକ୍ତ କରାଯାଇଅଛୁ । (ପ୍ରେରିତ ୨:୪୭, ୧ମ ରିନ୍ଥୀ ୧୨:୧୩, ଗାଲାତୀ ୩:୨୭) ସମସ୍ତ ଆଶୀଷ, ତାହାଙ୍କ ଠାରେ ନିହିତ ାରୁ, ତାହାଙ୍କ ଠାରେ ରହିବା ଆଶୀର୍ବାଦର ବିଷୟ । ଖ୍ରୀଷ୍ଟିୟାନ ହେବା ମହୋତ୍ତର

ବିଷୟ, କାରଣ ଆମ୍ଭେମାନେ ଜାଣୁ ଯେ. [illegible] ଏକ ଶ୍ରେଷ୍ଠତର ଦେଶକୁ ଯାଉଅଛୁ । ପିତା ପରମେଶ୍ୱରଙ୍କ ଗୃହରେ ଆମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବା ନିମନ୍ତେ ସେ ଆମ୍ଭମାନଙ୍କୁ ପ୍ରତିଜ୍ଞା କରିଅଛନ୍ତି । (ଯୋହନ ୧୪:୧-୩) ପୃଥିବୀରେ ତାଡ଼ନା ଅନୁଭବ କରୁଥିବା, ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ, ସ୍ୱର୍ଗ ପୁରସ୍କାର ସ୍ଥାନ । (ମାଥିଉ ୫:୧୨, ରୋମୀୟ ୮:୧୮) । ସ୍ୱର୍ଗରେ ଆଉ ମୃତ୍ୟୁ, କ୍ରନ୍ଦନ, ବ୍ୟଥା ବା ଦୁଃଖ ରହିବ ନାହିଁ । ସେଠାରେ ଆମ୍ଭେମାନେ ସଦାପ୍ରଭୁଙ୍କ ସହ ସଦାକାଳ ବାସ କରିବୁ । (ପ୍ରକାଶିତ ୨୧:୧୦-୨୨:୫)

ଖ୍ରୀଷ୍ଟିୟାନ ହେବା ମହୋତ୍ତର ବିଷୟ, କାରଣ ଆମ୍ଭମାନଙ୍କ ପ୍ରାର୍ଥନା ସଦାପ୍ରଭୁ ଶୁଣନ୍ତି ବୋଲି ଆମ୍ଭମାନଙ୍କ ଭରସା ଅଛି । (୧ମ ପିତର ୩:୧୨) । ଦୁର୍ଦ୍ଦଶା କାଳରେ, ସାହସ ସହ ତାହାଙ୍କ ସିଂହାସନ ନିକଟବର୍ତ୍ତୀ ହୋଇପାରୁ (ଏବ୍ରୀ ୪:୧୪-୧୬) ଯାକୁବ କହନ୍ତି,''........ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟ ସାଧନ କରିପାରେ ।'' (ଯାକୁବ ୫:୧୬) । ସର୍ବଶକ୍ତିମାନ ସୃଷ୍ଟିକର୍ତ୍ତା ସହ କଥା କହିପାରିବା କେତେ ସୌଭାଗ୍ୟର ବିଷୟ !

ଖ୍ରୀଷ୍ଟିୟାନ ହେବା ଅତି ମହୋତ୍ତର ବିଷୟ, କାରଣ ପରମେଶ୍ୱରଙ୍କ ପ୍ରଦତ୍ତ ଅନେକ ଆଶୀଷ ଦ୍ୱାରା ଆମ୍ଭେମାନେ ତୃପ୍ତିଦାୟକ ଜୀବନଯାପନ କରିପାରୁଅଛୁ (୧ମ ତୀମଥି ୬:୬-୮) । ଜାଗତିକ ଲୋକେ ବିନଷ୍ଟ ହେବେ । ଯୀଶୁଙ୍କ ଠାରେ ଲବ୍ଧ ଶାନ୍ତି ଓ ତୃପ୍ତି ସେମାନେ ପ୍ରାପ୍ତ ହୋଇପାରିବେ ନାହିଁ । ଖ୍ରୀଷ୍ଟିୟାନମାନେ ଏହି ଜଗତରେ କିପରି ଆସିଲେ, ଜଗତରେ ସେମାନଙ୍କ ଲକ୍ଷ୍ୟ କଅଣ, ସେମାନେ କେଉଁ ସ୍ଥାନକୁ ଯାଉଅଛନ୍ତି ସେମାନେ ଜାଣନ୍ତି । (ଆଦି ୧:୨୭, ଉପଦେଶକ ୧୨:୧୩,୧୪ ଓ ୨ୟ ତୀମଥି ୪:୬-୮) । ଏଥି ନିମନ୍ତେ ଆମ୍ଭମାନଙ୍କ ହୃଦୟ ଆନନ୍ଦରେ ପରିପୂର୍ଣ୍ଣ ଓ ପ୍ରତ୍ୟେକ ସମସ୍ୟା ସମ୍ମୁଖୀନ ହେବାକୁ ସକ୍ଷମ ।

ଖ୍ରୀଷ୍ଟିୟାନ ହେବା ମହୋତ୍ତମ ବିଷୟ, କାରଣ ଆମ୍ଭେମାନେ ଏକ ପ୍ରେମମୟ ପରିବାରରେ ଅନ୍ତର୍ଭୁକ୍ତ ହୋଇଅଛୁ (ଗାଲାତୀ ୪:୧-୭) । ଯୀଶୁଖ୍ରୀଷ୍ଟ, ସେହି ପରିବାରର ଅଦ୍ୱିତୀୟ ପୁତ୍ର । ଆମ୍ଭେମାନେ ଦତ୍ତପୁତ୍ର ଓ ସେ ଆମ୍ଭମାନଙ୍କ ଜ୍ୟେଷ୍ଠ ଭ୍ରାତା (ଏବ୍ରୀ ୨:୯-୧) ସେ ଆମ୍ଭମାନଙ୍କୁ ଶକ୍ତି ପ୍ରଦାନ କରନ୍ତି । (ଏଫିସୀ ୪:୧୩) ସେ ଆମ୍ଭମାନଙ୍କ ପ୍ରେମମୟ ପିତା, ଯେ ଆମ୍ଭମାନଙ୍କ ପ୍ରତ୍ୟେକ ଆବଶ୍ୟକତା ପୂରଣ

କରନ୍ତି । (ମାଥିଉ ୬:୯) ଖ୍ରୀଷ୍ଟିୟାନ ଭ୍ରାତା ଓ ଭଗିନୀମାନେ ଆମ୍ଭମାନଙ୍କୁ ସାହାଯ୍ୟ ଓ ସହାୟ କରନ୍ତି । (ଏବ୍ରୀ ୩:୧୩, ୧୦:୨୫, ୧ମ ଯୋହନ ୩:୧୧-୨୪)

ନିଶ୍ଚିତ ଭାବେ ଖ୍ରଷ୍ଟିୟାନ ହେବା କେତେ ମହୋତ୍ତମ ବିଷୟ !

*- Truth for the World*

❋❋❋

# ପାପ ଏକ ସମସ୍ୟା—ଖ୍ରୀଷ୍ଟ ହିଁ ସମାଧାନ

## (The Problem is Sin - Christ is the Anser)

ପାପ ଚାରିଆଡ଼େ ବ୍ୟାପିଅଛି । ବୟସପ୍ରାପ୍ତ ପ୍ରତ୍ୟେକ ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିଅଛନ୍ତି । (ରୋମୀୟ ୩:୨୩) ଏହା ଏକ ଲଜ୍ଜାଦାୟକ ସମସ୍ୟା ।

ଆଜିକାଲିର ଆଧୁନିକ ଉଦ୍ୟମ ପାପମୟ । ପାପରୁ ମୁକ୍ତି ପାଇବା ବା ମୂଲ୍ୟ ଦେବା ମନୁଷ୍ୟର ଆପଣା ବଶର କାର୍ଯ୍ୟ ନୁହେଁ । କେବଳ ଖ୍ରୀଷ୍ଟଙ୍କ ରକ୍ତରେ ଶକ୍ତି ଅଛି, ଯାହା ଆମ୍ଭମାନଙ୍କୁ ପ୍ରତ୍ୟେକ ପାପରୁ ଧୌତ କରେ (୧ମ ଯୋହନ ୧:୭) ପ୍ରତ୍ୟେକ ମନୁଷ୍ୟକୁ ଏହି ପାପକ୍ଷମା ଆବଶ୍ୟକ । ଆପଣା ଆପଣା ପାପ ନିମନ୍ତେ ଅନେକ ଅନୁତାପ କରିନ୍ତି । ଆହୁରି କେତେ ବର୍ଗର ଲୋକେ 'ଅନୁତାପ' ମନୁଷ୍ୟକୁ ଦୁର୍ବଳ କରିଦିଏ ବୋଲି ମନେକରନ୍ତି । କେତେ ମୂର୍ଖତାର ବିଷୟ ! ଯେଉଁମାନେ କୁକର୍ମ କରନ୍ତି, ସେମାନେ ପାପୀ । ପାପ, ମନୁଷ୍ୟକୁ ଆପଣା ସୃଷ୍ଟିକର୍ତ୍ତା ଠାରୁ ବିଚ୍ଛିନ୍ନ କରେ । (ଯିଶାଇୟ ୫୯:୧-୨) । ପାପ ଏହି ଜଗତକୁ ବିନଷ୍ଟ କରୁଅଛି । ପାପ ପରିବାରକୁ ବିନଷ୍ଟ କରୁଅଛି । ମନୁଷ୍ୟର ପ୍ରତ୍ୟେକ ଦୁଃଖକଷ୍ଟର କାରଣ ପାପ । ପାପର ପ୍ରତିଫଳ ବିଷୟରେ ଅନେକଙ୍କ ସଠିକ୍ ଧାରଣା ନାହିଁ ।

**ପାପ ଏକ ସମସ୍ୟା :** ମନୁଷ୍ୟର ଏହି ସମସ୍ୟା ନିମନ୍ତେ ପରମେଶ୍ୱରଙ୍କ ଠାରେ ସମାଧାନ ଅଛି । ପ୍ରେରିତ ପାଉଲ କହନ୍ତି, "ପାପୀମାନଙ୍କୁ ପରିତ୍ରାଣ କରିବା ନିମନ୍ତେ ଖ୍ରୀଷ୍ଟଯୀଶୁ ଯେ ଜଗତରେ ଅବତୀର୍ଣ୍ଣ ହେଲେ, ଏହି ବାକ୍ୟ ବିଶ୍ୱାସ ଓ ସର୍ବତୋଭାବେ ଗ୍ରହଣଯୋଗ୍ୟ ।" (୧ମ ତୀମଥି ୧:୧୫) । ପ୍ରେରିତ ପାଉଲ, ପାପୀମାନଙ୍କ ମଧ୍ୟରେ ପ୍ରଧାନ ପାପୀ ବୋଲି ଆପଣାକୁ ପରିଗଣିତ କରନ୍ତି । ତାହାଙ୍କ ସମସ୍ୟାର ସମାଧାନ ଯୀଶୁଖ୍ରୀଷ୍ଟ ଅଟନ୍ତି ।

"………ସେ ଆପେ କ୍ରୁଶ ଉପରେ ନିଜ ଶରୀରରେ ଆମ୍ଭମାନଙ୍କର ସମସ୍ତ ପାପ ବହନ କଲେ ।" ବୋଲି ଯୀଶୁଙ୍କ ବିଷୟରେ ପ୍ରେରିତ ପିତର ଲେଖନ୍ତି (୧ମ ପିତର ୨:୧୫) । ଖ୍ରୀଷ୍ଟଙ୍କ ବିନୁ ଅନୁଗ୍ରହ ନାହିଁ, କିଅବା କ୍ଷମା ନାହିଁ । ସମସ୍ତ ଜଗତର ପାପ ଭାର ତାହାଙ୍କ ଉପରେ ବର୍ତ୍ତିଲା । ସେହି କେବଳ ଏକମାତ୍ର ପରିତ୍ରାଣକର୍ତ୍ତା ଓ ସମାଧାନଦାତା । ଯୀଶୁ ଆମ୍ଭମାନଙ୍କ ପାପ ବିଷୟରେ କଥା କହୁଥିବା ସମୟରେ, ଆମ୍ଭେମାନେ କି ତାହାଙ୍କ କଥା ଶୁଣିବା ଉଚିତ ନୁହେଁ ? କାରଣ ସେ ହିଁ ପଥ, ସତ୍ୟ ଓ ଜୀବନ ଅଟନ୍ତି । (ଯୋହନ ୧୪:୬) । ତାହାଙ୍କ ବିନୁ କୌଣସି ଭରସା ନାହିଁ । ସେ ଯାହା କରୁଅଛନ୍ତି ତାହା ଶୁଣି, ପାଳନ କରିବାକୁ ଆମ୍ଭେମାନେ ବାଧ୍ୟ ।

"……ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର । ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୫,୧୬) ଏହି ଆଜ୍ଞା ଦେଇ, ପ୍ରଭୁ ଯୀଶୁ ପରିତ୍ରାଣର ମାର୍ଗ ଖୋଲିଅଛନ୍ତି । ମନ ପରିବର୍ତ୍ତନ ଓ ପାପକ୍ଷମାର ପ୍ରସଙ୍ଗ ସର୍ବସୃଷ୍ଟିରେ ସର୍ବଜଗତରେ ପ୍ରଚାର କରିବା ନିମନ୍ତେ ଆପଣା ଶିଷ୍ୟମାନଙ୍କୁ ଦେଇଥିବା ଆଜ୍ଞା ଆମ୍ଭେମାନେ ଲୁକ ୨୪:୪୭ ପଦରେ ପଢ଼ିପାରୁ । ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞାନୁଯାୟୀ ପ୍ରେରିତ ପିତର ଯିରୁଶାଲମରୁ ସୁସମାଚାର ପ୍ରଚାରର କାର୍ଯ୍ୟ ଆରମ୍ଭ କରିଥିଲେ । "……ଆପଣମାନେ ମନପରିର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ । ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କ ଦାନପ୍ରାପ୍ତ ହେବେ ।" (ପ୍ରେରିତ ୨:୩୮)

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଆପଣା ଶିଷ୍ୟମାନଙ୍କୁ କହନ୍ତି, "……କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ପ୍ରତିଦିନ ଆପଣା କ୍ରୁଶ ଘେନି ମୋହର ଅନୁଗମନ କରୁ ।" (ଲୁକ ୯:୨୩) । ଯେତେଜଣ ତାହାଙ୍କ ଆଜ୍ଞାନୁଯାୟୀ ବାପ୍ତିଜିତ ହୋଇଅଛୁ, ପ୍ରତ୍ୟେକେ ନୂତନ ସୃଷ୍ଟି ହୋଇଅଛୁ (୨ୟ କରିନ୍ଥୀ ୫:୧୭) । ବିନାଶକୁ ଘେନି ଯାଉଥିବା ପାପରୁ ମୁକ୍ତିଦାତାଙ୍କ ଅନୁସରଣ କରି ପାପର ସମସ୍ୟାରୁ ମୁକ୍ତ ହେଉ ।

***- Charles E. Cobb***

❋❋❋

**Edited & Published by : Kabita & Joshua Gootam**

# *JOY OF SERVING THE LORD*

1. Thessalonians 5:16

**INTRODUCTION :**

1. Rejoicing is of the divine nature.
2. Of all people that should be happy, it should be Christians.
3. It is a command of God

**DISCUSSION :**

1. Examples of Early Christians.

1. Converts on the day of Pentecost. (Acts 2:46,47).
2. The Samaritans. (Acts 8).
3. The Eunuch. (Acts 8:39)
4. Tha Jailor and his household. (Acts 16:31-34).
5. Rejoicing over the conversion of the Gentiles (Acts 15:3).

**II. Rejoicing in Tribulation**

1. Persectution. (Acts 5:41).
2. Imprisonment. (Acts 16:23-25).
3. Poverty. (2 Corinthians 6:10).
4. Loss of property. (Hebrews 10:34).
5. Fiery trials. (1 Peter 4:12,13).
6. Christ on the cross. (Hebrews 12:1,2).

**III. Time of Rejoicing.**

1. Rejoice evermore. (1 Thessalonians 5: 16).
2. Rejoice when souls are saved.
3. Rejoice that you can teach others.
4. Rejoice in the Christian life.
5. Rejoice in worship

**CONCLUSION :**

1. Christianity is a religion of joy.
2. Our joy should lead others to seek the same

## *WITNESSES TO THE BIRTH OF THE SON OF GOD*

***Stephen K. Guy***

1 God, the Father (Genesis 3:15; 12:1-3)
2 The Patriarch, Jacob, called Israel (Genesis 49:10)
3. The Prophets, such as Isaiah and Micah (Isaiah7:14;9:6;Mica5:2)
4. Jesus'birth records (Matthew 1:1-17; Luke 3:23-28)
5. The angels (Luke 1:26-37; Matthew 1:18-21; Luke 2:9-15)
6 The unborn John the Baptist (Luke 1:41)
7 Elizabeth (Luke 1:42-45) .
8 Jesus' mother, Mary (Luke 1:46-55)
9 The word of God (Matthew 1:23-26)
10 Joseph (Matthew 1:18-25)
11 Human history (Luke 2:1-7)-B.C.
12 Deivine history (Luke 2:8-14).
13 The Shepherds (Luke 2:9-20)
14 The Wise men (Matthew 2:1-12)
15 Anna (Luke 2:36-38) 16. Anna (Luke 2:36-38)
17 King Herod (Matthew 2:16-19)
18 Jesus as a child (Luke 2:39-40,52)

**Printed Book Only**

From:

SATYA VANI
**P.O. Box 80,**
**Kakinada - 533 001**

**To**

**(FOR PRIVATE CIRCULATION ONLY)**